Pg-3

ହୀରାଖଣ୍ଡ ଭୁବନେଶ୍ୱର ଶୁକ୍ରବାର, ୦୫ ଜୁନ୍, ୨୦୧୫
ରାଜ୍ୟ ଖବର

# ମା ଓ ନବଜାତ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗଣମାଧ୍ୟମ କର୍ମଶାଳା




ବୌଦ୍ଧ,୪/୬(ହୀ.ପ୍ର): ବୁଧବାରଦିନ ପିପୁଲସ କଲଚରାଲ ସେଣ୍ଟର (ପିକକ) ନ୍ୟାସନାଲ ସେଣ୍ଟର ଫର ଚାଇଲ୍ଡ ରାଇଟ୍ସ ପକ୍ଷରୁ ୟୁନିସେଫ ସହଯୋଗରେ ମା, ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗଣମାଧ୍ୟମ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ମଧୁସୂଦନ ମିଶ୍ର ଯୋଗଦେଇ ଗଣମାଧ୍ୟମ ପ୍ରତିନିଧି ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଚତୁର୍ଥ ସୋପାନ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷାକଲେ ମା, ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସେ କହିଥିଲେ । ପିକକର ସଂପାଦକ ରଞ୍ଜନ ମହାନ୍ତି ସଭାଚିତ୍ରୀ ସଭାପତିତ୍ୱ କରି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବେ ବୌଦ୍ଧଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସୁମନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅଜୟକୃଷ୍ଣ ମହାନ୍ତି, ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଭିକ୍ଷାକାରୀ ନାୟକ, ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଜନସ୍ୱାସ୍ଥ୍ୟ) ଡ. ରାମଚନ୍ଦ୍ର ରାଉତ, ୟୁନିସେଫର ଡ. ମୀନା ସୋମ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ସାମ୍ବାଦିକ ଜୟକୃଷ୍ଣ ହୋତା, ଡିପିଏମ୍ ମନୋରଞ୍ଜନ ସାହୁ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା, ସ୍ୱାସ୍ଥ୍ୟ ସଂପର୍କୀତ ସମସ୍ୟାର ସମାଧାନ ତଥା ଗଣମାଧ୍ୟମର ସହଯୋଗ ଉପରେ ମତବ୍ୟକ୍ତ କରିଥିଲେ । ଡ. ମୀନା ସୋମ ମା, ନବଜାତ ଓ ଶିଶୁ ସଂପର୍କୀୟ ରାଜ୍ୟ ତଥା ବୌଦ୍ଧଜିଲ୍ଲାର ସ୍ଥିତି ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ । ବୌଦ୍ଧଜିଲ୍ଲାର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗଣମାଧ୍ୟମ ପ୍ରତିନିଧିମାନେ ଦୁଇଟି ଗାଁ ଚଂପାପୁର ଓ ବଲାସିଙ୍ଗାଗାଁ ଗସ୍ତକରି ଟୀକାକରଣ ଦିବସ ପରିଦର୍ଶନ କରି ଗ୍ରାମ୍ୟସ୍ତରର ବିଭିନ୍ନ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ ଓ ମା ମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ । ଶେଷରେ ଏଲକେବିକେର ସୀତାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଭୁବନେଶ୍ୱର, ଶୁକ୍ରବାର, ଜୁନ୍ ୫/୨୦୧୫
ଓଡ଼ିଶା ଭାସ୍କର



# ମାତୃତ୍ୱ ଓ ନବଜାତ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କର୍ମଶାଳା

ବୌଦ୍ଧ,(ଆ.ପ୍ର): ବୌଦ୍ଧ ଜିଲ୍ଲାରେ ନବଜାତ ଶିଶୁ ଓ ମାତୃତ୍ୱ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପିଜକ୍ ଓ ନେସ୍‌ନାଲ ସେଣ୍ଟର ଫର୍ ଚାଇଲ୍ଡ ରାଇଟ୍ ପକ୍ଷରୁ ୟୁନିସେଫ୍ ସହଯୋଗରେ ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏହି କର୍ମଶାଳା ଆୟୋଜନ କରାଯାଇଥିଲା । ବୌଦ୍ଧ ଜିଲ୍ଲାର ଶିଶୁ ଓ ମାତୃ ମୃତ୍ୟୁହାର ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା । ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ରୂପେ ଜିଲ୍ଲାପାଳ ମଧୁସୂଦନ ମିଶ୍ର ଯୋଗଦେଇ କହିଲେ ବୌଦ୍ଧ ଜିଲ୍ଲାର ଶିଶୁ ମୃତ୍ୟୁହାର ଆଗାମୀ ଦିନରେ ଯେମିତି ଶୂନ୍ ରହିବ ସେଥିପ୍ରତି ଧ୍ୟାନ ଦେବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ଓ ଗଣମାଧ୍ୟମର ସହଯୋଗ ଲୋଡିଥିଲେ । ୨୦୧୧ ଜନଗଣନା ଅନୁସାରେ ବୌଦ୍ଧ ଜିଲ୍ଲାର ଶିଶୁ ମୃତ୍ୟୁହାର ୫୭ପ୍ରତିଶତ, ୫ ବର୍ଷରୁ କମ ଶିଶୁ ମୃତ୍ୟୁହାର ୮୫ପ୍ରତିଶତ, ନବଜାତ ଶିଶୁ ମୃତ୍ୟୁ ହାର ୪୫ ପ୍ରତିଶତ ଅଟେ । ଅନ୍ୟତମ ଅତିଥି ଅତିରିକ୍ତ ଜିଲ୍ଲାପାଳ ସୁମନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଜୟକୃଷ୍ଣ ମହାନ୍ତି, ଏଡିଏମଓ ଭିକାରୀ ନାଏକ, ଏଡିଏମ୍‌ଓ ରାମ ଚନ୍ଦ୍ର ରାଉତ, ୟୁନିସେଫ୍‌ର ଡକ୍ଟର ମିନା ସୋମ୍, ଜିଲ୍ଲା ଲୋକ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହେମନ୍ତ ନାଏକ, ବରିଷ୍ଠ ସାମ୍ବାଦିକ ଜୟକୃଷ୍ଣ ହୋତା, ବୌଦ୍ଧ ଡିପିଏମ୍ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ । ପିଜକ୍‌ର ସମ୍ପାଦକ ରଞ୍ଜନ ମହାନ୍ତି ସଭା ପରିଚାଳନା କରିଥିଲେ । ଡକ୍ଟର ମିନା ସୋମ୍ କେଉଁ କେଉଁ ସମସ୍ୟା ଉପରେ ଦୃଷ୍ଟି ଦିଆଗଲେ ଜିଲ୍ଲାର ମା' ଓ ଶିଶୁ ମୃତ୍ୟୁ ହାରକୁ ରୋକାଯାଇ ପାରିବ ସେ ନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥିଲେ । ଗଣମାଧ୍ୟମ ପ୍ରତିନିଧି ଓ ୟୁନିସେଫ୍‌ର କର୍ମଚାରୀ ହରଭଙ୍ଗା ବ୍ଲକର ଚମ୍ପାପୁର୍ ଓ ବୌଦ୍ଧ ବ୍ଲକର ବଲାସିଙ୍ଗା ଗାଁକୁ କ୍ଷେତ୍ର ପରିଦର୍ଶନ କରିବାକୁ ଯାଇଥିଲେ । ଚମ୍ପାପୁର ଗାଁର ଶତପ୍ରତିଶତ ଶିଶୁ ଟିକାକରଣ କରାଯାଉଥିବା ପରିଦର୍ଶନ ସମୟରେ ଦେଖିବାକୁ ମିଳିଥିଲା । ଲିମା ବଗର୍ତ୍ତୀର ଏକ ଶିଶୁ ଜନ୍ମ ସମୟରେ ୧ କିଲୋ ଓଜନ ଥିଲା । ଏହାକୁ ମଥୁରା ସ୍ୱାସ୍ଥ୍ୟ ଉପକେନ୍ଦ୍ର ର ଏ.ଏନ୍.ଏମ୍ କବିତା ପ୍ରଧାନ ଓ ଆଶା କର୍ମୀଙ୍କ ମିଳିତ ଉଦ୍ୟମରେ ଶିଶୁଟିର ଓଜନ ୧ କି.ଗ୍ରା ରୁ ୨ କିଲୋ ୪୦୦ଗ୍ରାମକୁ ବୃଦ୍ଧି କରିବାରେ ସଫଳ ହୋଇଥିଲେ । ସାମୂହିକ ଆଲୋଚନା ସମୟରେ ଗଣମାଧ୍ୟମର ପ୍ରତିନିଧିମାନେ ଜିଲ୍ଲାର ଡାକ୍ତର ଅଭାବ, ଅଲ୍ଟ୍ରାସାଉଣ୍ଡ ମେସିନ୍ କାର୍ଯ୍ୟ ନ କରିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ । ପିଜକର କର୍ମଚାରୀ ସୁନନ୍ଦା ବିଶ୍ୱାଳ, ଅନୁରାଧା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଶୁକ୍ରବାର, ୫-୬-୨୦୧୫, ଭୁବନେଶ୍ୱର
ଦିନଲିପି, ପୃଷ୍ଠା- ୫

# ମା' ଓ ଶିଶୁସ୍ୱାସ୍ଥ୍ୟ ସମ୍ବନ୍ଧୀୟ କର୍ମଶାଳା

ବୌଦ୍ଧ:୪/୬(ନି.ପ୍ର): ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପ୍ରସୂତୀ ମା, ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଜିଲ୍ଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ପିପୁଲସ କଲଚରାଲ ସେଣ୍ଟର(ପିକକ) ଓ ନ୍ୟାସନାଲ ସେଣ୍ଟର ଫର ଚାଇଲ୍ଡ ରାଇଟ୍ସ ପକ୍ଷରୁ ଓ ୟୁନିସେଫ ସହଯୋଗରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ କର୍ମଶାଳାରେ ବୌଦ୍ଧ ଜିଲ୍ଲାରେ ଶିଶୁ ଓ ମାତୃ ମୃତ୍ୟୁ ହାର ନେଇ ଉଦ୍‌ବେଗ ପ୍ରକାଶ କରାଯାଇଛି। ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷଠାରେ ଆୟୋଜକ ସଂସ୍ଥାର ସଂପାଦକ ରଂଜନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁ ହାର କମାଇବା ଦିଗରେ ଗଣମାଧ୍ୟମର ଭୂମିକା ଉପରେ ସର୍ବ ପ୍ରଥମେ ଆଲୋକପାତ କରାଯାଇଥିଲା। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ମଧୁସୂଦନ ମିଶ୍ର ଯୋଗ ଦେଇ ଜିଲ୍ଲାରେ ମା ଓ ଶିଶୁ ମୃତ୍ୟୁ ହାର ଶୁନ ହେବା ଆମର ଲକ୍ଷ୍ୟ ହେବା ଉଚିତ୍ ବୋଲି ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସୁମନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଅଜୟ କୃଷ୍ଣ ମହାଁ, ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଭିକ୍ଷାକାରୀ ନାଏକ, ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଜନ ସ୍ୱାସ୍ଥ୍ୟ) ରାମଚନ୍ଦ୍ର ରାଉତ, ୟୁନିସେଫର ପ୍ରତିନିଧି ଡଃ ମିନା ସୋମ, ଜିଲ୍ଲା ସୂଚନା ଲୋକ ସଂପର୍କ ଅଧିକାରୀ ହେମ' କୁମାର ନାଏକ, ବରିଷ୍ଠ ସାମ୍ବାଦିକ ଶ୍ରୀ ଜୟକୃଷ୍ଣ ହୋତା, ବୌଦ୍ଧ ଏନଆରଏଚଏମ ର ଡିପିଏମ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ପରେ ୟୁନିସେଫର ଡଃ ମିନା ସୋମ ପ୍ରୋଜେକ୍ଟର ମାଧ୍ୟମରେ କେଉଁ କେଉଁ ସମସ୍ୟା ଉପରେ ଦୃଷ୍ଟି ଦିଆଗଲେ ଜିଲ୍ଲାରେ ମା ଓ ଶିଶୁ ମୃତ୍ୟୁ



ହାର ରୋକାଯାଇପାରିବ ସେ ବାବଦରେ ବୁଝାଇଥିଲେ । ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପାଖାପାଖି ୫୦ ରୁ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ । ସାମୁହିକ ଆଲୋଚନା ସମୟରେ ଗଣମାଧ୍ୟମ ପ୍ରତିନିଧିମାନେ ମୁଖ୍ୟତଃ ଜିଲ୍ଲାରେ ଡାକ୍ତର ଅଭାବ ସମସ୍ୟା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଲଟ୍ରାସାଉଣ୍ଡ ମେସିନ କାର୍ଯ୍ୟ ନକରିବା ଯାହା ଫଳରେ ଗର୍ଭବତୀ ମହିଳା ମାନେ ଅନ୍ୟତ୍ର ଯାଇ ଅସୁବିଧାର ସମ୍ମୁଖିନ ହେଉଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ ।

21 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୫ ଜୁନ୍ ୨୦୧୫, ଶୁକ୍ରବାର



# ମା, ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କର୍ମଶାଳା




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୁଧବାରଦିନ ପିପୁଲ୍ସ କଲଚରାଲ ସେଣ୍ଟର (ପିକକ) ନ୍ୟାସନାଲ ସେଣ୍ଟର ଫର ଚାଇଲ୍ଡ ରାଇଟ୍ସ ପକ୍ଷରୁ ୟୁନିସେଫ ସହଯୋଗରେ ମା, ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗଣମାଧ୍ୟମ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ମଧୁସୂଦନ ମିଶ୍ର ଯୋଗଦେଇ ଗଣମାଧ୍ୟମ ପ୍ରତିନିଧି ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଚତୁର୍ଥ ସ୍ତମ୍ଭ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷାକଲେ ମା, ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସେ କହିଥିଲେ । ପିକକର ସଂପାଦକ ରଞ୍ଜନ ମହାନ୍ତି ସଭାରେ ସଭାପତିତ୍ୱ କରି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବେ ବୌଦ୍ଧଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସୁମନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅଜୟକୃଷ୍ଣ ମହାନ୍ତି, ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଭିକ୍ଷାକାରୀ ନାୟକ, ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଜନସ୍ୱାସ୍ଥ୍ୟ) ଡ. ରାମଚନ୍ଦ୍ର ରାଉତ, ୟୁନିସେଫର ଡ. ମୀନା ସୋମ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ସାମ୍ବାଦିକ ଜୟକୃଷ୍ଣ ହୋତା, ଡିପିଏମ୍ ମନୋରଞ୍ଜନ ସାହୁ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା, ସ୍ୱାସ୍ଥ୍ୟ ସଂପର୍କୀତ ସମସ୍ୟାର ସମାଧାନ ତଥା ଗଣମାଧ୍ୟମର ସହଯୋଗ ଉପରେ ମତବ୍ୟକ୍ତ କରିଥିଲେ । ଡ. ମୀନା ସୋମ ମା, ନବଜାତ ଓ ଶିଶୁ ସଂପର୍କୀୟ ରାଜ୍ୟ ତଥା ବୌଦ୍ଧଜିଲ୍ଲାର ସ୍ଥିତି ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ । ବୌଦ୍ଧଜିଲ୍ଲାର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗଣମାଧ୍ୟମ ପ୍ରତିନିଧିମାନେ ଦୁଇଟି ଗାଁ ଚଂପାପୁର ଓ ବଲାସିଙ୍ଗାଗାଁ ଗସ୍ତକରି ଟୀକାକରଣ ଦିବସ ପରିଦର୍ଶନ କରି ଗ୍ରାମ୍ୟସ୍ତରର ବିଭିନ୍ନ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ ଓ ମାମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ । ଶେଷରେ ଏଲକେବିକେର ସୀତାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରତିଦିନ

୫ ଜୁନ, ୨୦୧୫

ପୃଷ୍ଠା-୫

# ମା', ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ସଂକ୍ରାନ୍ତ କର୍ମଶାଳା



ବୌଦ୍ଧ,୪/୬(ପ୍ର.ବ୍ୟୁ): ଗତ ବୁଧବାର ଦିନ ପିପୁଲସ କଲଚରାଲ ସେଣ୍ଟର (ପିକକ) ନ୍ୟାସନାଲ ସେଣ୍ଟର ଫର ଚାଇଲ୍ଡ ରାଇଟ୍ସ ପକ୍ଷରୁ ୟୁନିସେଫ ସହଯୋଗରେ ମା', ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଗଣମାଧ୍ୟମ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲାପାଳ ମଧୁସୂଦନ ମିଶ୍ର ଯୋଗଦେଇ 'ଗଣମାଧ୍ୟମ ପ୍ରତିନିଧି ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଚତୁର୍ଥ ସୋପାନ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ' ବୋଲି କହିଥିଲେ । ସମସ୍ତ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷାକଲେ ମା', ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରାଯାଇପାରିବ ବୋଲି ସେ କହିଥିଲେ । ପିକକର ସଂପାଦକ ରଞ୍ଜନ ମହାନ୍ତି ସଭାରେ ସଭାପତିତ୍ୱ କରି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିଥିଭାବେ ବୌଦ୍ଧ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସୁମନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅଜୟକୃଷ୍ଣ ମହାନ୍ତି, ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଭିକ୍ଷାକାରୀ ନାୟକ, ସହକାରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଜନସ୍ୱାସ୍ଥ୍ୟ) ଡ. ରାମଚନ୍ଦ୍ର ରାଉତ, ୟୁନିସେଫର ଡ. ମୀନା ସୋମ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ସାମ୍ବାଦିକ ଜୟକୃଷ୍ଣ ହୋତା, ଡିପିଏମ୍ ମନୋରଞ୍ଜନ ସାହୁ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନା, ସ୍ୱାସ୍ଥ୍ୟ ସଂପର୍କିତ ସମସ୍ୟାର ସମାଧାନ ତଥା ଗଣମାଧ୍ୟମର ସହଯୋଗ ଉପରେ ମତବ୍ୟକ୍ତ କରିଥିଲେ । ଡ. ମୀନା ସୋମ ମା', ନବଜାତ ଓ ଶିଶୁ ସଂପର୍କୀୟ ରାଜ୍ୟ ତଥା ବୌଦ୍ଧ ଜିଲ୍ଲାର ସ୍ଥିତି ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ । ବୌଦ୍ଧଜିଲ୍ଲାର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଜିଲ୍ଲା ଓ ବ୍ଲକସ୍ତରୀୟ ବିଭିନ୍ନ ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗଣମାଧ୍ୟମ ପ୍ରତିନିଧିମାନେ ଦୁଇଟି ଗାଁ ଚଂପାପୁର ଓ ବଲାସିଙ୍ଗାଗାଁ ଗସ୍ତକରି ଟୀକାକରଣ ଦିବସ ପରିଦର୍ଶନ କରି ଗ୍ରାମ୍ୟସ୍ତରର ବିଭିନ୍ନ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡି କର୍ମୀ ଓ ମା'ମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ । ଶେଷରେ ଏଲକେବିକେର ସୀତାକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।